# ରେଙ୍ଗାଲି ତହସିଲଦାରଙ୍କ ଅଦାଲତ, ରେଙ୍ଗାଲି

ତହସିଲଦାରଙ୍କ ଅଦାଲତ ରେଙ୍ଗାଲି, ସମ୍ବଲପୁର

*ଜମି ହସ୍ତାନ୍ତରଣ ବିବିଧ (Alienation Misc.) ମୋକଦ୍ଦମା ସଂଖ୍ୟା ୦୩/୨୦୨୫*

## ନୋଟିସ

ପ୍ରୋସେସ ସଂଖ୍ୟା. ୯୦୦ ତାରିଖ: ୨୮.୦୪.୨୦୨୫

ପ୍ରାପ୍ତେଷୁ,

ବନମାଳି ସାହୁ, ପିତା:ହରିହର ସାହୁ ଜାତି:, ସୁଣ୍ଡି ବାସସ୍ଥାନ:ନିଜଗାଁ

ବିଷୟ: *ଜମି ହସ୍ତାନ୍ତରଣ ବିବିଧ (Alienation Misc.) ମୋକଦ୍ଦମା ସଂଖ୍ୟା ୦୩/୨୦୨୫ ରେ ମନ୍ତବ୍ୟ* ଖାନାରୁ ବାଦ ଦେବା ନିମନ୍ତେ ତହସିଲ କାର୍ଯ୍ୟାଳୟ ଶୁଣାଣି

ଏତଦ୍ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ ମୌଜା – ଝାଙ୍କରପାଲି ଅନ୍ତର୍ଗତ ନିମ୍ନ ସୂଚୀତ ସରକାରୀ ଜମିକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ, ରେଙ୍ଗାଲି, ଝାଙ୍କରପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦଖଲରେ ଥିବା ସରକରୀ ଜମିର ନିୟମିତିକରଣ ନିମନ୍ତେ ଅତ୍ର କାର୍ଯ୍ୟାଳୟରେ ଦରଖାସ୍ତ ଦାଖଲ କରିଛନ୍ତି । ଆବେଦନ କରାଯାଇଥିବା ନିମ୍ନ ତଫସିଲ ଭୁକ୍ତ ଜମି ସରକାରୀ ଆବାଦ ଯୋଗ୍ୟ ଅନାବାଦୀ ଖାତାରେ ବାହାଲ ସାଧର କିସମରେ ରେକର୍ଡ ଥାଇ ମନ୍ତବ୍ୟ ଖାନାରେ "ସାବକ କିସମ:ଗୋଚର, ବେଆଇନ ଦଖଲ:ବନମାଳି ସାହୁ, ମୁତାବକ ନମ୍ବର: 2304" ଥିବାରୁ ଉକ୍ତ ଜମିକୁ ଆବେଦନକାରୀଙ୍କ ନାମରେ ହସ୍ତାନ୍ତର କରିବା ପାଇଁ କିସମ ପରିବର୍ତନ ତଥା ମନ୍ତବ୍ୟ ଖାନାରେ ଥିବା ବେଆଇନ ଦଖଲ ନୋଟକୁ ବାଦ ଦେବା ଆବଶ୍ୟକ ପଡୁଅଛି ।

ଏହାର ଶୁଣାଣି ତା. ୦୬.୦୬.୨୦୨୫ ରିଖ ସମୟ ସକାଳ ୧୦.୦୦ ଘଟିକାରେ ରେଙ୍ଗାଲି ତହସିଲ କାର୍ଯ୍ୟାଳୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ହେବା ପାଇଁ ଧାର୍ଯ୍ୟ କରା ଯାଇଛି । ଯଦି ଏହି ପ୍ରସ୍ତାବିତ ବେଆଇନ ଦଖଲ ନୋଟକୁ ବାଦ ଦେବା ଉପରେ କିଛି ଆପତ୍ତି ଥାଏ, ତେବେ ନିଜର ଦାବି ସପକ୍ଷରେ ସମ୍ପୃକ୍ତ କାଗଜାତ ସହ ନିର୍ଦ୍ଧାରିତ ସମୟରେ ଉପର ବର୍ଣ୍ଣିତ ସ୍ଥାନରେ ଉପସ୍ଥିତ ହୋଇ ନିଜର ଆପତ୍ତି ରଖି ପାରିବେ । ଧାର୍ଯ୍ୟ ତାରିଖରେ ଅନୁପସ୍ଥିତ ରହିଲେ ପରେ ଆଉ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

## ତଫସିଲ ଭୁକ୍ତ ଜମି

| ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | ରକବା | କିସମ | ମନ୍ତବ୍ୟ |
|---|---|---|---|---|---|
| ଝାଙ୍କରପାଲି | ୩୯୩ (ଆ. ଯୋ. ଅ.) | ୩୪୭୧ | ୦.୦୭ | ଘରବାରି | ସାବକ କିସମଗୋଚର:, ବେଆଇନ ଦଖଲବନମାଳି ସାହୁ:, ମୁତାବକ ନମ୍ବର :2304 |
| ମୋଟ | ୧ ଖାତା | ୧ ପ୍ଲଟ | ୦.୦୭ | | |

ତହସିଲଦାର,ରେଙ୍ଗାଲି
ତହସିଲଦାର
ରେଙ୍ଗାଲି,ସମ୍ବଲପୁର

ଜ୍ଞାପକ ସଂଖ୍ୟା...୯୦୧... ତା: ...୨୮.୦୪.୨୦୨୫...

ଏହାର ଦୁଇ କିତା ନକଲ ସଂପୃକ୍ତ ବ୍ୟକ୍ତିଙ୍କୁ ତାମିଲ କରିବା ନିମନ୍ତେ ରାଜସ୍ୱ ନିରୀକ୍ଷକ କତରବଗା କୁ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ଇ-ଗଭର୍ଣ୍ଣନ୍ସ ପରିଚାଳକ ସମ୍ବଲପୁରଙ୍କ ,ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ଏବଂ ଏହାର ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା । ଉପରୋକ୍ତ ସର୍ବସାଧାରଣ ଇସ୍ତାହାରକୁ ସମ୍ବଲପୁର ଜିଲ୍ଲା ୱେବସାଇଟରେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ ।

ତହସିଲଦାର,ରେଙ୍ଗାଲି
ତହସିଲଦାର
ରେଙ୍ଗାଲି,ସମ୍ବଲପୁର